# ପୌରପରିଷଦ କାର୍ଯ୍ୟାଳୟ ପାରଳାଖେମୁଣ୍ଡି ଗଜପତି

ପତ୍ର ସଂ. ୧୧୯୬ ତା ୧୨/୪/୨୦୨୩ ରିଖ

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଛି ଯେ ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୌରାତଗୁଡିକର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ପୌରପରିଷଦର ନିମ୍ନଲିଖିତ ସର୍ତ୍ତଅନୁଯାୟୀ ଇଚ୍ଛୁକ ଥିବା ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ତେବେ ଟ. ୧,୦୦୦.୦୦ଙ୍କା ଦେଇ ଫର୍ମ ପରିଷଦ ଠାରୁ କ୍ରୟ କରି ତା. ୧୩.୦୪.୨୦୨୩ ଦିନ ସକାଳ ୭.୦୦ ଘଣ୍ଟା ଠାରୁ ତା.୧୯.୦୪.୨୦୨୩ ରିଖ ଦିନ ଘ. ୧.୦୦ ଣ୍ଟା ସୁଦ୍ଧା କିଣି ସେଥିରେ ଆବେଦନ କରିଥିବା ସୌରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଟେଣ୍ଡର ପେପର ସହିତ ଇଚ୍ଛୁକ ବ୍ୟକ୍ତି ଚଳିତ ବର୍ଷ ଅର୍ଥାତ ୨୦୨୨-୨୩ ବର୍ଷର ସଲ୍ ଭେନସି ନିମ୍ନରେ ଦର୍ଶାଯାଇଥିବା ଟଙ୍କାର ପ୍ରମାଣ ପତ୍ର ମଧ୍ୟ ମୂଲ୍ୟାଙ୍କ ସହିତ ସଂଲଗ୍ନ କରି ଦାଖଲ କରିବେ । ତା.୨୦.୦୪.୨୦୨୩ରିଖ ଦିନ ଘ. ୧.୦୦ ଣ୍ଟା ସୁଦ୍ଧା (Speed Post / Register Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରି ଅଟେ । ନଚେତ ଏହାକୁ ଗ୍ରହଣ କରାଯିବ ନାହିଁ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନହୁଏ, ତା ହେଲେ ପୌରପରିଷଦ ଦ୍ୱାରା ପରବର୍ତ୍ତି ନିଷ୍ପତ୍ତି ଗ୍ରହଣ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ଟେଣ୍ଡର ପେପର ଗୁଡିକ ଅର୍ଥାତ ତା. ୨୧.୦୪.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ଘଣ୍ଟା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାତା/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତରେ ଖୋଲାଯିବ ।

### ସୌରାତର ବିବରଣୀ

| କ୍ରମିକ ନଂ. | ସୌରାତର ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ରାଶି | ସଲ୍ ଭେନସି ରାଶି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|---|
| ୧ | ଗଜପତି ଦୈନିକ ବଜାର | ୦୧.୦୫.୨୦୨୩ ଠାରୁ ୩୧.୦୩.୨୦୨୪ | ଟ. ୮,୦୪,୧୦୦/- | ଟ. ୫୦,୦୦୦/- | ଟ.୫,୦୦,୦୦୦/- | ଟ. ୧,୦୦୦/- |

### ମୂଲ୍ୟାଙ୍କ ସର୍ତ୍ତାବଳୀ

୩. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତି ବିଶେଷ ଏବଂ ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବାକିଥିବ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୪. ଟେଣ୍ଡର ପେପର ସହିତ ଆବଶ୍ୟକୀୟ ଅମାନତ ଟଙ୍କା (ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟ ବ୍ୟାଙ୍କ) ଡ୍ରାଫଟ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରଳାଖେମୁଣ୍ଡିଙ୍କ ନାମରେ କରି ଦାଖଲ କରିବେ । ଅସଫଳ ନିଲାମଧାରୀଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ।

୩.ଯେଉଁ ବ୍ୟକ୍ତିଙ୍କ ନାମରେ ମୂଲ୍ୟାଙ୍କ ସିଦ୍ଧ ହେବ ସେ ସମ୍ପୂର୍ଣ୍ଣ ଅର୍ଥ କାର୍ଯ୍ୟାଦେଶ ଦେବା ଦିନ କାର୍ଯ୍ୟାଳୟରେ ପୈଠ କରିବା ପରେ ଚୁକ୍ତିନାମାରେ ଦସ୍ତଖତ କରିବାକୁ କାର୍ଯ୍ୟାଳୟ ତରଫରୁ ଆଦେଶ ଦିଆଯିବ । ସିଦ୍ଧ ନିଲାମ ଧାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ ଟଙ୍କା ପୈଠ ନ କରନ୍ତି ତେବେ ଅମାନତ ଧନକୁ ବାଜ୍ୟାପ୍ତ କରାଯିବ ଏବଂ ପରବର୍ତ୍ତୀ ମୂଲ୍ୟାଙ୍କ ଧାରୀ ଯଦି ସର୍ବୋଚ୍ଚ ମୂଲ୍ୟାଙ୍କ ଦରରେ ନେବାକୁ ଚାହାନ୍ତି ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ ।

୪. ସର୍ବୋଚ୍ଚ ମୂଲ୍ୟାଙ୍କ ସିଦ୍ଧ କରିବାପାଇଁ ପରିଷଦ ବାଧ୍ୟ ନୁହନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ମୂଲ୍ୟାଙ୍କ ରଦ୍ଦ କରିପାରିବେ ଏବଂ ଏହା ଉପରେ ଭବିଷ୍ୟତରେ କୌଣସି ଅଦାଲତର ଆଶ୍ରୟ ନେଇ ପାରିବେ ନାହିଁ ।

୫. ମୂଲ୍ୟାଙ୍କ ସିଦ୍ଧ ହେବା ବ୍ୟକ୍ତି କାର୍ଯ୍ୟାଳୟ ଆଦେଶ ପାଇବା ପରେ ମୂଲ୍ୟାଙ୍କ ମାସୁଲ, ଯେଉଁ ବ୍ୟକ୍ତିମାନଙ୍କୁ ଦ୍ୱାରା ଆଦାୟ କରିବେ, ସେମାନଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା କାର୍ଯ୍ୟାଳୟରେ ଦାଖଲ କରିବେ ।

12/04/23

କାର୍ଯ୍ୟନିର୍ବାହୀ ଅଧିକାରୀ,
ପୌରପରିଷଦ ପାରଳାଖେମୁଣ୍ଡି